# NATIONAL NEWS BULLETIN (ODIA)
## 27 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପର୍ଯ୍ୟଟନ ଦ୍ୱାରା ମାନବିକତାର ବନ୍ଧନ ସଶକ୍ତ ହେଉଥିବା ବେଳେ ଯୋଗାଣ ଶୃଙ୍ଖଳକୁ ଯେକୌଣସି ଦ୍ୱନ୍ଦ୍ୱ ବାଧାପ୍ରାପ୍ତ କରିଥାଏ କହିଲେ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।
- ଆସନ୍ତା ୨୯ ତାରିଖ ରବିବାର ଦିନ ପୂର୍ବାହ୍ଣ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଆତ୍ମ ନିର୍ଭର ଯୋଜନା ଅଧୀନରେ ଭାରତ ଏକ ବିଶ୍ୱ ମ୍ୟାନୁଫ୍ୟାକ୍ଚରିଂ ହବ୍‌ରେ ପରିଣତ ହୋଇଛି ବୋଲି ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସୂଚନା ।
- ଭାରତ-ଉଜ୍‌ବେକିସ୍ତାନ ମଧ୍ୟରେ ଆଜି ତାସ୍‌କେଣ୍ଟ ଠାରେ ସ୍ୱାକ୍ଷରିତ ହୋଇଛି ଦ୍ୱିପକ୍ଷିୟ ପୁଞ୍ଜିନିବେଶ ରାଜିନାମା ।

ଏବଂ

- ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ମହିଳା ଡବଲ୍ସ ବର୍ଗରେ ଭାରତର ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ପ୍ରବେଶ କଲେ ସେମିଫାଇନାଲ୍‌ରେ ।

## ପର୍ଯ୍ୟଟନ-ଉପରାଷ୍ଟ୍ରପତି

ପର୍ଯ୍ୟଟନ ମାନବିକତାର ବନ୍ଧନକୁ ଅଧିକ ସଶକ୍ତ କରେ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆୟୋଜିତ ଜାତୀୟ ସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସେ ଏହା କହିଛନ୍ତି । ଶ୍ରୀ ଧନଖଡ଼ କହିଛନ୍ତି, ପର୍ଯ୍ୟଟନ ବିଶ୍ୱସ୍ତରରେ ଶାନ୍ତି ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିଥାଏ । ଅନ୍ୟ ପକ୍ଷରେ ବିଶ୍ୱର ଯେକୌଣସି ସ୍ଥାନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲେ ଏହାଦ୍ୱାରା ଏହି ଭୂଖଣ୍ଡର ପ୍ରତ୍ୟେକ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ । ଏଭଳି ଦ୍ୱନ୍ଦ୍ୱ ଯୋଗାଣ ଶୃଙ୍ଖଳକୁ ମଧ୍ୟ ବାଧାପ୍ରାପ୍ତ କରିଥାଏ ବୋଲି ସେ କହିଛନ୍ତି ।

ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ବାର୍ତ୍ତା 'ପର୍ଯ୍ୟଟନ ଏବଂ ଶାନ୍ତି' ଉପରେ ଆଲୋକପାତ କରି ଶ୍ରୀ ଧନଖଡ଼ କହିଛନ୍ତି, ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ଏହାର ଅନେକ ପ୍ରାସଙ୍ଗିକତା ରହିଛି । ଚଳିତ ବର୍ଷର ଏହି

ବାର୍ତ୍ତା ବିଶ୍ୱର ସର୍ବବୃହତ ଚଳଚଞ୍ଚଳ ଗଣତାନ୍ତ୍ରିକ ଦେଶ ଭାବେ ପରିଚିତ ଭାରତ ଲାଗି ମଧ୍ୟ ଅନେକ ଗୁରୁତ୍ୱ ବହନ କରେ । ବିଶ୍ୱସ୍ତରରେ ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ପର୍ଯ୍ୟଟନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ୍ କହିଛନ୍ତି, ବିବିଧ ସଂସ୍କୃତି ଏବଂ ଦେଶ ଗୁଡ଼ିକ ମଧ୍ୟରେ ଆପୋଷ ବୁଝାମଣାର ସେତୁ ନିର୍ମାଣ କରିବା ଦିଗରେ ପର୍ଯ୍ୟଟନ ଏକ ଉପଯୁକ୍ତ ମାଧ୍ୟମ । ବିଭିନ୍ନ ଦେଶକୁ ସଂଯୋଗ କରିବା କ୍ଷେତ୍ରରେ ପର୍ଯ୍ୟଟନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଶେଖାଓ୍ୱତ୍ କହିଛନ୍ତି ।

ଏହି ଅବସରରେ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ସମେତ ପର୍ଯ୍ୟଟକ ମିତ୍ର, ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭଳି ବିଜେତାମାନଙ୍କୁ ଉପରାଷ୍ଟ୍ରପତି ପୁରସ୍କୃତ କରିବେ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ

କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କି ବାତ୍ କାର୍ଯ୍ୟକ୍ରମ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଚେନ୍ନାଇ-ଗ୍ଲୋବାଲ୍ ହବ୍

ଆତ୍ମ ନିର୍ଭର ଯୋଜନା ଅଧୀନରେ ଭାରତ ଏକ ବିଶ୍ୱ ମ୍ୟାନୁଫ୍ୟାକ୍‌ଚରିଂ ହବ୍‌ରେ ପରିଣତ ହୋଇଛି ବୋଲି ଯୋଗାଯୋଗ ତଥା ଉତ୍ତର ପୂର୍ବାଞ୍ଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମତବ୍ୟକ୍ତ କରିଛନ୍ତି । ଚେନ୍ନାଇ ନିକଟସ୍ଥ ଶ୍ରୀ ପେରୁମ୍ବୁଦୁର୍ ଠାରେ ଆୟୋଜିତ **CISCO** ର ଅତ୍ୟାଧୁନିକ ଉତ୍ପାଦନ କେନ୍ଦ୍ରର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିନ୍ଧିଆ କହିଛନ୍ତି, ବିଶ୍ୱସ୍ତରୀୟ ବୈଷୟିକଜ୍ଞାନକୌଶଳ କ୍ଷେତ୍ରରେ ଏହି କେନ୍ଦ୍ର ଭାରତର ଅଭିବୃଦ୍ଧିର ପ୍ରତୀକ ଅଟେ । ଏହା ମାଧ୍ୟମରେ ଦେଶର ଟେଲିକମ୍ ବ୍ୟବସ୍ଥାରେ ଅଧିକ ଅଭିବୃଦ୍ଧି ହାସଲ କରାଯାଇପାରିବ । ଦେଶବାସୀଙ୍କୁ ବିଶ୍ୱ ସହିତ ସଂଯୋଗୀକରଣ କରିବା କ୍ଷେତ୍ରରେ ଏହା ସହାୟକ ହେବ । ଏହି କେନ୍ଦ୍ର ଦ୍ୱାରା ବାର୍ଷିକ ୧ ଦଶମିକ୍ ୩ ବିଲିୟନ୍ ୟୁ.ଏସ୍. ଡଲାର୍ ପରିମାଣର ରପ୍ତାନୀ ଏବଂ ଘରୋଇ ଉତ୍ପାଦନ ହେବ ବୋଲି ଶ୍ରୀ ସିନ୍ଧିଆ ସୂଚନା ଦେଇଛନ୍ତି ।

## ଭାରତ-ଉଜ୍‌ବେକିସ୍ତାନ

ଭାରତ-ଉଜ୍‌ବେକିସ୍ତାନ ମଧ୍ୟରେ ଆଜି ତାସ୍‌କେଣ୍ଟ ଠାରେ ଦ୍ୱିପକ୍ଷିୟ ପୁଞ୍ଜିନିବେଶ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏହି ରାଜିନାମାରେ ଭାରତ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଉଜ୍‌ବେକିସ୍ତାନ ପକ୍ଷରୁ

ଉପପ୍ରଧାନମନ୍ତ୍ରୀ ଖୋଦ୍‌ଜାୟେଭ୍ ଜାମଶିଦ୍ ଅବ୍‌ଦୁଖା-କିମୋ-ଭିଚ୍ ସ୍ୱାକ୍ଷର କରିଛନ୍ତି । ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏହି ରାଜିନାମା ଦ୍ୱାରା ଭାରତରେ ପୁଞ୍ଜିନିବେଶ କରିଥିବା ଉଜ୍‌ବେକିସ୍ତାନର ନିବେଶକ ଏବଂ ସେଠାରେ ନିବେଶ କରିଥିବା ଭାରତୀୟ ପୁଞ୍ଜିନିବେଶକଙ୍କୁ ଆନ୍ତର୍ଜାତିକ ଆଇନ୍ ଅନୁସାରେ ଉପଯୁକ୍ତ ସୁରକ୍ଷା ମିଳିବ । ଏହାଛଡ଼ା ଏହି ରାଜିନାମା ଦୁଇ ଦେଶର ନିବେଶକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବା ସହ ଏହି କ୍ଷେତ୍ରରେ ଦେଖାଯାଉଥିବା ଯେକୌଣସି ସମସ୍ୟାକୁ ଆର୍ବିଟ୍ରେସନ୍ ମାଧ୍ୟମରେ ସମାଧାନ କରାଯାଇପାରିବ । ସେହିଭଳି ପୁଞ୍ଜିନିବେଶରେ ସ୍ୱଚ୍ଛତା ବଜାୟ ରଖିବା ସହ କ୍ଷତିଭରଣା କରିବା ଦିଗରେ ଏହି ରାଜିନାମା ସହାୟକ ହେବ ।

ଏ ସମ୍ପର୍କରେ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗକୁ ବୃଦ୍ଧି କରିବା ସହ ଏକ ନିରନ୍ତର ପୁଞ୍ଜିନିବେଶ ପରିବେଶ ସୃଷ୍ଟି କରିବା ଦିଗରେ ଏହି ରାଜିନାମା ଉଭୟ ପକ୍ଷର ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଆୟୁଷ ମନ୍ତ୍ରୀ

ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ତାଙ୍କ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଗତ ୧୦୦ ଦିନ ମଧ୍ୟରେ ଆୟୁଷ ମନ୍ତ୍ରଣାଳୟର ସଫଳତା ଉପରେ ଆଲୋକପାତ କରି ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଶ୍ରୀ ଯାଦବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆୟୁଷ ଚିକିତ୍ସା ପଦ୍ଧତିକୁ ଅନ୍ତର୍ଭୁକ୍ତ କରିବା ଉଦ୍ଦେଶ୍ୟରେ ଆୟୁଷ ମନ୍ତ୍ରଣାଳୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି ।

ଏତଦ୍‌ବ୍ୟତୀତ ବିଭିନ୍ନ ପାରମ୍ପରିକ ଔଷଧୀୟ ବୃକ୍ଷ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ବିଶ୍ୱସ୍ତରରେ ପହଞ୍ଚାଇବା ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ତାଙ୍କ ମନ୍ତ୍ରଣାଳୟ ଭିଏତ୍‌ନାମ, ମାଲେସିଆ ଆଦି କେତେକ ଦେଶ ସହିତ ରାଜିନାମା ସ୍ୱାକ୍ଷର କରିଛି । ଏହାଦ୍ୱାରା ଆୟୁର୍ବେଦିକ ପଦ୍ଧତିରେ ଚିକିତ୍ସା କରାଯିବା ସହ ଅଧିକ ଗବେଷଣା କରାଯାଇ ଜ୍ଞାନର ଆଦାନପ୍ରଦାନ ମଧ୍ୟ ସମ୍ଭବ ହୋଇପାରିବ ବୋଲି ଶ୍ରୀ ଯାଦବ କହିଛନ୍ତି ।

ସେ କହିଛନ୍ତି, ଆୟୁଷ ଔଷଧ ଗୁଡ଼ିକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ଉଦ୍ଦେଶ୍ୟରେ ତାଙ୍କ ମନ୍ତ୍ରଣାଳୟ ଦେଶ ବ୍ୟାପି ପ୍ରତ୍ୟେକ ତହସିଲରେ ସ୍ୱତନ୍ତ୍ର ମେଡିକାଲ୍ ଷ୍ଟୋର୍ ସ୍ଥାପନ କରିବାର ଲକ୍ଷ୍ୟ ରଖିଛି । ଇତିମଧ୍ୟରେ ଦେଶବ୍ୟାପି ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୧୪ ହଜାର ୬୯୨ଟି ଆୟୁଷ କ୍ୟାମ୍ପ୍

ଆୟୋଜିତ ହୋଇଯାଇଛି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ଜନସାଧାରଣଙ୍କୁ ଆୟୁଷ ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ଆୟୁର୍ବେଦିକ ପ୍ୟାକେଜ୍‌କୁ ଅନ୍ତର୍ଭୁକ୍ତ କରିବା ଲାଗି ତାଙ୍କ ମନ୍ତ୍ରଣାଳୟ ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ର ଆୟୁଷ ମନ୍ତ୍ରୀ କହିଛନ୍ତି ।

## କେରଳ-ଏମ୍‌ପକ୍ସ

କେରଳରେ ଆଉ ଜଣେ ୩୮ ବର୍ଷ ବୟସ୍କ ବ୍ୟକ୍ତିଙ୍କ ନିକଟରେ ଏମ୍. ପକ୍ସ ଭାଇରସ୍ ଚିହ୍ନଟ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତି ଜଣକ ବିଦେଶରୁ କୋଚିକୁ ଫେରିବା ପରେ ତାଙ୍କ ନିକଟରେ ଏମ୍. ପକ୍ସ ଭାଇରସ୍ ଥିବା ପରୀକ୍ଷାରୁ ଜଣାପଡ଼ିଛି । ବର୍ତ୍ତମାନ ତାଙ୍କୁ ଏକ ସ୍ଥାନୀୟ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ଇତିମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ୍ ଥିରୁଅନନ୍ତପୁରମ୍ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିଛନ୍ତି । ରାଜ୍ୟର ସମସ୍ତ ୧୪ଟି ଜିଲ୍ଲାରେ ସରକାରଙ୍କ ପକ୍ଷରୁ ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ନିମନ୍ତେ ଏକାନ୍ତବାସ କେନ୍ଦ୍ରମାନ ସ୍ଥାପନ କରାଯାଇଛି । ଚଳିତ ମାସରେ ଏହା ହେଉଛି ରାଜ୍ୟରେ ଏମ୍.ପକ୍ସ ଭାଇରସ୍ ଚିହ୍ନଟ ହେବାର ଦ୍ୱିତୀୟ ଘଟଣା । ଗତ ୧୮ ତାରିଖ ଦିନ ଏଥିରେ ଆକ୍ରାନ୍ତ ୧ ଅନ୍ୟ ଜଣେ ବ୍ୟକ୍ତି

ମାଲାପୁରମ ଜିଲ୍ଲାର ମଞ୍ଜେରି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ।

## ଇଣ୍ଡୋନେସିଆ-ଖଣି

ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରାରେ ଥିବା ଏକ ଅଣଲାଇସେନ୍ସ ପ୍ରାପ୍ତ ସୁନା ଖଣି ଧଶିଯିବା ଫଳରେ ୧୫ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଏତଦ୍‌ବ୍ୟତୀତ ଅନ୍ୟ ୨୫ ଜଣ ଶ୍ରମିକ ନିଖୋଜ ଥିବା ଜଣାଯାଇଛି । ସୋଲଖ ବିପର୍ଯ୍ୟୟ ପ୍ରସମନ ସଂସ୍ଥାର ମୁଖ୍ୟ ଇର୍‌ୱାନ୍ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଖଣି ଭିତରେ ଫସିରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ଧାରକାରୀ ଦଳ ଏବଂ ଆବଶ୍ୟକ ଯନ୍ତ୍ରପାତି ସେଠାରେନିୟୋଜିତ କରାଯାଇଛି ।

## ବ୍ୟାଡ୍‌ମିଣ୍ଟନ

ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ମହିଳା ଡବଲ୍ସ ବର୍ଗରେ ଭାରତର ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ଯୋଡ଼ି ତାଇୱାନ୍‌ର ସୁ-ଇନ୍-ହୁଇ ଓ ଉ-ଲୋ-ୟୁ ଯୋଡ଼ିଙ୍କୁ କ୍ୱାର୍ଟର ଫାଇନାଲ୍‌ରେ ୨୧-୧୨,

୨୧-୧୭ ସେଟ୍‌ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତର ତ୍ରିଶା ଓ ଗାୟତ୍ରୀଙ୍କ ଯୋଡ଼ି ତାଇଓ୍ୱାନ୍‌ର ଅନ୍ୟ ଏକ ଯୋଡ଼ି ସି-ପି-ଶାନ୍ ଓ ହଙ୍ଗ୍-ଏନ୍-ଜୁଙ୍କୁ ଭେଟିବେ । ଅନ୍ୟ ପକ୍ଷରେ ଭାରତର କିଦାମ୍ବୀ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି । ତାଙ୍କୁ ହଙ୍କକଙ୍ଗ୍‌ର ଅଙ୍ଗସ୍ ଏନ୍ କେ ଲଙ୍ଗ୍ ୨୧-୧୬, ୨୧-୧୨ ସେଟ୍‌ରେ ହରାଇଛନ୍ତି ।

# କ୍ରିକେଟ୍

କାନ୍‌ପୁର ଠାରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ଆଜି ପ୍ରଥମ ଦିନରେ ଭାରତ ବିପକ୍ଷରେ ପ୍ରଥମ ଇନିଂସରେ ତିନି ୱିକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରିଛି । ଅପରାହ୍ଣରେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ରନ୍ ଏବଂ ମୁସ୍‌ଫିକର ରହିମ୍ ୬ ରନ୍ କରି ଅପରାଜିତ ରହିଛନ୍ତି । ଘରୋଇ ଦଳ ପକ୍ଷରୁ ଆକାଶଦୀପ ଦୁଇଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ୱିକେଟ୍ ନେଇଛନ୍ତି ।

ପୂର୍ବରୁ ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ମ୍ୟାଚ୍‌ରେ ଭାରତ ପକ୍ଷରୁ ଖେଳୁଥିବା ଖେଳାଳିମାନଙ୍କ

ମଧ୍ୟରେ କୌଣସି ପରିବର୍ତ୍ତନ କରାଯାଇନଥିବା ବେଳେ ବାଂଲାଦେଶ ନିଜ ଦଳରେ ଦୁଇଟି ପରିବର୍ତ୍ତନ କରିଛି । ତାଇଜୁଲ୍ ଇସ୍‌ଲାମ୍ ଓ ଖାଲିସ୍ ଅହମ୍ମଦ ଦଳକୁ ଆସିଥିବା ବେଳେ ନାହିଦ ରାନା ଓ ତାସ୍‌କିନ୍ ଅହମ୍ମଦ ଏହି ଟେଷ୍ଟ ପାଇଁ ବାଦ୍ ପଡ଼ିଛନ୍ତି । ଚେନ୍ନାଇ ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୨୮୦ରନ୍‌ରେ ପରାସ୍ତ କରି ବର୍ତ୍ତମାନ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।